# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 August – 2025

************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଭବନରେ ଆଜିଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲିଲା ଅମୃତ ଉଦ୍ୟାନ
- ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆଜି ସପ୍ତମ ପୁଣ୍ୟତିଥି

– ସ୍ମୃତିପୀଠ ସଦୈବ ଅଟଳରେ ଶ୍ରଦ୍ଧାସୁମନ ଅର୍ପଣ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ପ୍ରକାଶ ପାଇଲା ହାଇସ୍କୁଲ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ନନ୍ଦ ଉତ୍ସବ ନୀତି

– ଗଣପର୍ବ ନୂଆଁଖାଇ ଉପଲକ୍ଷେ ମା’ ସମଲେଶ୍ୱରୀଙ୍କ ନିକଟରେ ଆଜି ଅର୍ପଣ କରାଯିବ ଲଗ୍ନପତ୍ର

*GNR*

## ରାଷ୍ଟ୍ରପତି - ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଭବନରେ 'ଅମୃତ ଉଦ୍ୟାନ' ଆଜିଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ଉଦ୍ୟାନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ରହିବ । ଆସନ୍ତା ୨୯ ତାରିଖ କ୍ରୀଡ଼ା ଦିବସ ଏବଂ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ କ୍ରୀଡ଼ାବିତ୍ ଓ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରବେଶର ସୁଯୋଗ ମିଳିବ । ଉଦ୍ୟାନ ପଥରେ ବାଲ୍‌ବାଟିକା, ହର୍ବାଲ୍ ଗାର୍ଡେନ୍ ଆଦି ଅନ୍ତର୍ଭୁକ୍ତ । ଅମୃତ ଉଦ୍ୟାନକୁ ପ୍ରବେଶ ନିଃଶୁଳ୍କ ରହିଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ପ୍ରତି ସୋମବାର ବନ୍ଦ ରହିବ ।

*Desk*

## ବାଜପେୟୀଙ୍କ ପୁଣ୍ୟତିଥି

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ମହାନ ଜନନାୟକ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆଜି ସପ୍ତମ ପୁଣ୍ୟତିଥି ପାଳନ କରାଯାଉଛି। ୨୦୧୮ ମସିହା ଆଜିର ଦିନରେ ଏହି ମହାନ୍ ନେତା ଇହଲୀଳା ସମ୍ବରଣ କରିଥିଲେ । ସ୍ୱର୍ଗତଃ ବାଜପେୟୀଙ୍କ ନେତୃତ୍ୱ,

ଦୂରଦର୍ଶିତା ଏବଂ ରାଷ୍ଟ୍ରଭକ୍ତି ଭାରତୀୟ ରାଜନୀତିକୁ ନୂତନ ଦିଗ ଦେଖାଇଥିଲା ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

*ଅଟଳବିହାରୀ ବାଜପେୟୀ ୩ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଥମ କାର୍ଯ୍ୟକାଳରେ ୧୯୯୬ ମସିହାରେ ମାତ୍ର ୧୩ ଦିନ ପାଇଁ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ । ଏହା ପରେ ୧୯୯୮ରୁ ୧୯୯୯ ପର୍ଯ୍ୟନ୍ତ ୧୩ ମାସ ପାଇଁ ଏବଂ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ତୃତୀୟ କାର୍ଯ୍ୟକାଳରେ ପୂର୍ଣ୍ଣସମୟ ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୧୫ ମସିହାରେ ଅଟଳବିହାରୀ ବାଜପେୟୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ* ***ଭାରତ ରତ୍ନ****ରେ ସମ୍ମାନିତ କରାଯାଇଥିଲା । ନୂଆଦିଲ୍ଲୀସ୍ଥିତ ତାଙ୍କ ସ୍ମାରକୀ ସଦୈବ ଅଟଳରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଆଜି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।*

*ଜଣେ ସାଂସଦ ଭାବରେ ବିଶେଷକରି ପ୍ରଧାନମନ୍ତ୍ରୀ ଭାବରେ ଶ୍ରୀ ବାଜପେୟୀ ଦେଶର ପ୍ରଗତିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ ସଂସ୍କାର ଏବଂ ଭିତ୍ତିଭୂମିର ଦୃଢ଼ ବିକାଶ*

ମାଧ୍ୟମରେ ଦେଶରେ ଏକ ସୁଦୃଢ଼ ଅର୍ଥନୀତି ପାଇଁ ମୂଳଦୁଆ ପକାଇଥିଲେ । ତାଙ୍କ ନେତୃତ୍ୱରେ ଭାରତ ସଫଳତାର ସହିତ ପୋଖରାନ-୨ ପରମାଣୁ ପରୀକ୍ଷଣ କରିଥିଲା ।

୧୯୯୮ରେ ଏହି ସଫଳ ପରୀକ୍ଷଣ ପରେ ଭାରତ ଏକ ପରମାଣୁସଂପନ୍ନ ରାଷ୍ଟ୍ର ଭାବେ ବିଶ୍ୱରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିଲା । ୧୯୨୪ ମସିହା ଡିସେମ୍ବର ୨୫ ତାରିଖରେ ମଧ୍ୟପ୍ରଦେଶର ଗ୍ୱାଲିୟର୍‌ଠାରେ ତାଙ୍କର ଜନ୍ମ ହୋଇଥିଲା । ଜଣେ ବିଦ୍ୱାନ ରାଜନେତା ଭାବେ ସେ ବିଭିନ୍ନ ମହଲରେ ପରିଚିତ ଥିଲେ । ୧୯୭୭ ମସିହାରେ ଶ୍ରୀ ବାଜପେୟୀ ଜାତିସଂଘରେ ପ୍ରଥମଥର ପାଇଁ ହିନ୍ଦୀରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ସମର୍ପଣ, ସେବାଭାବ' ବିକଶିତ ଓ ଆତ୍ମନିର୍ଭର ଭାରତର ନିର୍ମାଣରେ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ।

ରାଜ୍ୟପାଳ ହରିବାବୁ କମ୍ଭମପାଟି ମହାନ ଜନନାୟକ ସ୍ୱର୍ଗତଃ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ସେ ଜଣେ ଦୂରଦୃଷ୍ଟୀ ସମ୍ପନ୍ନ ରାଜନେତା ଓ ପ୍ରତିଭାଶାଳୀ ବକ୍ତା ଥିଲେ । ତାଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ ।

*ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତଃ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କ ଆଦର୍ଶ, ସାଧନା ଓ ସେବାଭାବ ସଦାସର୍ବଦା ପ୍ରେରଣାଦାୟୀ ହୋଇ ରହିବ ।*

*କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।*

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

***BHK***

## ଜିଲ୍ଲା– ବାଜପେୟୀଙ୍କ ସ୍ମୃତିସଭା

ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସ୍ୱର୍ଗତଃ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଦେଶ ଗଠନରେ ତାଙ୍କର ସେବା, ତ୍ୟାଗ ପାଇଁ ସେ ଅବିସ୍ମରଣୀୟ ରହିବେ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

***Desk***

## ସପ୍ଲିମେଣ୍ଟାରୀ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସପ୍ଲିମେଣ୍ଟାରୀ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ସପ୍ଲିମେଣ୍ଟାରୀ ପରୀକ୍ଷାରେ ୧ ହଜାର ୯୪୪ ଜଣ ଏବଂ ରାଜ୍ୟ

ମୁକ୍ତବିଦ୍ୟାଳୟରେ ୫ ହଜାର ୯୬୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଏ ସମ୍ପର୍କରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ।

**- V/O -**

ଚଳିତ ବର୍ଷ ମୋଟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୪ ଲକ୍ଷ ୮୪ ହଜାର ୮୬୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ଏବଂ ୧୭ ହଜାର ୩୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅକୃତ କାର୍ଯ୍ୟ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୩ ହଜାର ୪୫୭ ଜଣ ଛାତ୍ରଛାତ୍ରୀ ୯୮ଟି ପରୀକ୍ଷା କେନ୍ଦ୍ରରେ ହାଇସ୍କୁଲ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିଲେ । ସେହିଭଳି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୧୦୩ଟି କେନ୍ଦ୍ରରେ ୧୦ ହଜାର ୮୦୯ ଜଣ ପରୀକ୍ଷାର୍ଥୀ ଦେଇଥିଲେ । ଗତ ଜୁଲାଇ ମାସ ୧ରୁ ୧୦ ତାରିଖ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

***Desk***

# ଫାସ୍‌ଟ୍ୟାଗ୍ ଆନୁଆଲ୍ ପାସ୍

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ – ଏନ୍.ଏଚ୍.ଏ.ଆଇ. ଦେଶର ପ୍ରାୟ ୧ ହଜାର ୧୫୦ଟି ଟୋଲ୍ ପ୍ଲାଜାରେ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ସୁବିଧା କାର୍ଯ୍ୟକାରୀ କରିଛି । ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଗତକାଲିଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସୁବିଧା କାର୍ଯ୍ୟକାରୀ ହେବାର ପ୍ରଥମ ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୧ ଲକ୍ଷ

୪୦ ହଜାରରୁ ଅଧିକ ଉପଭୋକ୍ତା ବାର୍ଷିକ ପାସ୍ କିଣି ସକ୍ରିୟ କରିଛନ୍ତି । ଟୋଲ୍ ପ୍ଲାଜାରେ ଏହି ସମୟ ମଧ୍ୟରେ ପ୍ରାୟ ୧ ଲକ୍ଷ ୪୦ ହଜାର କାରବାର ରେକର୍ଡ଼ କରାଯାଇଛି । ପାସ୍ ବ୍ୟବହାରକାରୀମାନଙ୍କୁ ସୂଚନା ଦେବାଲାଗି ପ୍ରତ୍ୟେକ ଟୋଲ୍ ପ୍ଲାଜାରେ ଏନ୍.ଏଚ୍.ଏ.ଆଇ. ଅଧିକାରୀ ଓ ନୋଡାଲ୍ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି ।

ସୂଚନା ଅନୁଯାୟୀ, ବାର୍ଷିକ ୩ ହଜାର ଟଙ୍କାର ଏକକାଳୀନ ଶୁଳ୍କ ପ୍ରଦାନଦ୍ୱାରା ବାରମ୍ବାର ଫାସ୍‌ଟ୍ୟାଗ୍ ରିଚାର୍ଜ କରିବାକୁ ପଡ଼ିବ ନାହିଁ । ଏହି ପାସ୍ ଜରିଆରେ ଗୋଟିଏ ବର୍ଷ କିମ୍ବା ୨୦୦ଟି ଟୋଲ୍ ପ୍ଲାଜା ଅତିକ୍ରମ କରିବା ସୁବିଧା ରହିଛି ।

# ନନ୍ଦୋତ୍ସବ

ପୁରୀ ଶ୍ରୀମନ୍ଦିରରେ ଆଜି ନନ୍ଦୋତ୍ସବ ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ଆଳତି ସରିବା ପରେ ମହାଜନ ସେବାୟତମାନେ ରାମକୃଷ୍ଣ ଓ ଦକ୍ଷିଣ ଘରୁ ମଦନମୋହନଙ୍କୁ ଜଗମୋହନରେ ଅବସ୍ଥାପିତ ଦୋଳିରେ ବିଜେ କରାଇବେ । ମଇଲମ ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ନିକଟରେ ଷଠୀ ଓ ମାର୍କଣ୍ଡ ପୂଜା ହେବ । ପରେ ପରେ ରାମକୃଷ୍ଣ ଓ ମଦନମୋହନଙ୍କୁ ଦୋଳିରୁ ଓହ୍ଲାଇ ଆଣି ପତିମହାପାତ୍ରେ ଖଟ ଉପରେ ବିଜେ କରାଇବେ । ଭିତରଚ୍ଛ ମହାପାତ୍ର ନନ୍ଦରାଜା ରୂପରେ ଶ୍ରୀନଅରକୁ ଯାଇ ଫେରିବା ପରେ ସ୍ନାନମଣ୍ଡପ ଉପରେ ବସିବେ ।

ଏହାପରେ ମା' ଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ଗାଈଦୁହାଁ ପରମ୍ପରା ସମ୍ପାଦିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗ୍ରାମରେ ଏହି ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି। ପାତାଳୀ ଶ୍ରୀକ୍ଷେତ୍ର ଶ୍ୟାମସୁନ୍ଦର କୁଞ୍ଜକୁଟୀର, ଶ୍ରୀଗୋପାଳଜୀଉ ମନ୍ଦିର, ସୈନଗିରିସ୍ଥିତ ଯୋଗେଶ୍ୱର ପୀଠ ଏବଂ ବିଭିନ୍ନ ମଠରେ ନନ୍ଦୋତ୍ସବ ପାଳନ ହେଉଛି। ଶ୍ରଦ୍ଧାଳୁମାନେ ରଙ୍ଗ ଓ ଅବିର ସହ ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ବିମାନରେ ବସାଇ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

***Desk***

## ନୂଆଁଖାଇ ଲଗ୍ନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆଜି ଅପରାହ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଲଗ୍ନପତ୍ର ଅର୍ପଣ କରାଯିବ। ପଣ୍ଡିତ ମହାସଭା ଓ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଦସ୍ୟମାନେ ମା'ଙ୍କୁ ଲଗ୍ନପତ୍ର  ଭେଟି ଦେବେ। ପରମ୍ପରା ଅନୁଯାୟୀ ନନ୍ଦୋତ୍ସବ ଦିନ ଝାରୁଆପଡ଼ାସ୍ଥିତ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ପଣ୍ଡିତ ମଣ୍ଡଳୀ ସଭା ଆୟୋଜନ କରାଯାଇଥାଏ। ଲଗ୍ନ ନିର୍ଦ୍ଧାରଣ ପାଇଁ ଅଞ୍ଚଳର ଜଣାଶୁଣା ୨୦ ଜଣ ପଣ୍ଡିତଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଧାର୍ଯ୍ୟ ଲଗ୍ନ ଅନୁଯାୟୀ, ମା' ସମାଲେଶ୍ୱରୀଙ୍କ ନିକଟରେ ନବାହ୍ନ ଅର୍ପଣ କରିବା ପରେ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଳନ କରିବାର ବିଧି ରହିଛି।

*Malakangiri*

## ଲଘୁଚାପ ବର୍ଷା

ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାର ଏମ୍.ଭି.-୯୬ ପୋଲ ଉପରେ ଜଳ ପ୍ରବାହିତ ହେବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପୋଲ ଉପରେ ଦୁଇରୁ ତିନି ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଫଳରେ ସୀମାନ୍ତ ମୋଟୁ ଏବଂ ଏମ୍.ଭି.-୭୯ରୁ ମାଲକାନଗିରି ଓ ଜୟପୁର ଅଭିମୁଖେ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିସହ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନାର ବିଜୟୱାଡ଼ା ଓ ହାଇଦ୍ରାବାଦରୁ ଆସୁଥିବା ବସ୍‌ଗୁଡ଼ିକ ପୋଲ ନିକଟରେ ଅଟକି ରହିଥିଲା। ଜଳସ୍ତର ସାମାନ୍ୟ ହ୍ରାସ ହେବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

*Desk*

## ପାଣିପାଗ

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।